BRAND FACTORY

FREE SHOPPING WEEKEND

5 ରୁ 8 ଡିସେମ୍ବର

OFFER ALSO AVAILABLE ON BRANDFACTORYONLINE.COM

ସ.ଖା.ମୂ. ₹5000ର ଯେ କୌଣସି ଜିନିଷ କିଣନ୍ତୁ
ପୈଠ କରନ୍ତୁ ମାତ୍ର ₹2000
ଏବଂ ତାହା ସହିତ ଫେରସ୍ତ ପାଆନ୍ତୁ*

₹500 ସ.ଖା.ମୂଲ୍ୟର ମାଗଣା ପୋଷାକ + GIFT VOUCHERS ଗିଫ୍ଟ ଭାଉଚର୍ ମୂଲ୍ୟ ₹1200 + future pay WALLET ₹300 କ୍ୟାସ୍‌ବ୍ୟାକ୍
(କ୍ୟାସ୍‌ବ୍ୟାକ୍ ପାଇବା ଫ୍ୟୁଚର୍ ପେ ଆପ୍ ଡାଉନଲୋଡ୍ କରନ୍ତୁ)

ବର୍ତ୍ତମାନ ଆପଣଙ୍କ ପାସ୍ ବୁକ୍ କରନ୍ତୁ

ଏଠାରେ ପାସ୍ ବୁକ୍ କରନ୍ତୁ Paytm insider
କିମ୍ବା ଷ୍ଟୋରରେ ଉପଲବ୍ଧ

ପ୍ରିମିୟମ୍ ପାସ୍
₹250** (2 ଜଣଙ୍କୁ ଅନୁମତି)
ସକାଳ 9ଘଟିକାରୁ ଆରମ୍ଭ
(ସୀମିତ ପାସେସ୍)

କ୍ଲାସିକ ପାସ୍
₹100** (2 ଜଣଙ୍କୁ ଅନୁମତି)
ଅପରାହ୍ନ 12 ଘଟିକାରୁ ଆରମ୍ଭ

ପାସ୍ ବୁକ୍ କରିବା ପାଇଁ ଏକ ମିସ୍‌ଡ କଲ୍ ଦିଅନ୍ତୁ: 7829800000

ପାସ୍ କିଣିବା ପାଇଁ କ୍ୟୁଆର୍ କୋଡ୍ ସ୍କାନ କରନ୍ତୁ

ଭୁବନେଶ୍ୱରରେ ଷ୍ଟୋର୍: ସହିଦ ନଗର, ବିଏମ୍‌ସି ଭବାନୀ ମଲ୍, ମହର୍ଷି କଲେଜ୍ ରୋଡ୍
କଟକରେ ଷ୍ଟୋର୍: ଚଣ୍ଡୀ ଛକ, ଅପୋଜିଟ୍ ଏସ୍.ବି. ୱିମେନ୍‌ସ୍ କଲେଜ

www.brandfactoryonline.com | Brand Factory | @brandfactoryind | CUSTOMER CARE NO.: 18002101888

ଡିସେମ୍ବର 10 ପର୍ଯ୍ୟନ୍ତ କରାଯାଇଥିବା କିଣାକିଣିରେ କୌଣସି ବଦଳ ବା ଅର୍ଥ ଫେରସ୍ତ ଗ୍ରହଣୀୟ ହେବ ନାହିଁ । ₹500 ମୂଲ୍ୟର ଫ୍ରି ଆପାରେଲ୍ କେବଳ ବଛା ବଛା ବ୍ରାଣ୍ଡସ୍ ଉପରେ ଉପଲବ୍ଧ ଏବଂ କେବଳ ଫ୍ରି ମର୍ଚାଣ୍ଡାଇଜ୍ ଜୋନ୍‌ରୁ ବଛାଯିବା ଆବଶ୍ୟକ । ଯେଉଁ ଗ୍ରାହକମାନଙ୍କୁ ପାର୍ଥକ୍ୟ ପରିମାଣ ପୈଠ କରିବାକୁ ହେବ ଯଦି ମାଗଣା ପୋଷାକ ମୂଲ୍ୟ 500 ଟଙ୍କାରୁ ଅଧିକ ହୋଇଥାଏ । 600 ଟଙ୍କାର 2 ଗିଫ୍ଟ ଭାଉଚର୍ ଜାରି କରାଯିବ ଏବଂ ଏହା ଯଥାକ୍ରମେ ଜାନୁୟାରୀ ଏବଂ ଫେବୃୟାରୀ 2020 ପର୍ଯ୍ୟନ୍ତ ବୈଧ ହେବ । 21 ଡିସେମ୍ବର 2019 ଠାରୁ ଆରମ୍ଭ କରି, କ୍ୟାଶ୍‌ବ୍ୟାକ୍ କେବଳ ଫ୍ୟୁଚର୍ ପେ ଆପ୍‌ରେ ପ୍ରତି ମାସରେ ଜମା କରାଯିବ । ବାସ୍ତବିକ ₹2000 ର ବିଲ୍ ପାଇଁ ₹300 ଫ୍ୟୁଚର୍ ପେ କ୍ୟାଶ୍‌ବ୍ୟାକ୍ ଡିସେମ୍ବର, ଜାନୁୟାରୀ ଏବଂ ଫେବୃୟାରୀ ସହ ଆରମ୍ଭ କରି 3 ମାସର ଅବଧି ପାଇଁ ପ୍ରତି ମାସ ₹100 ହିସାବରେ ଜମା କରାଯିବ । ₹6000 ଏବଂ ଅଧିକର ବାସ୍ତବିକ ବିଲିଙ୍ଗ ସ୍ଲାବ୍ ପାଇଁ ପ୍ରତି ଗ୍ରାହକ ପ୍ରତି ମୋବାଇଲ ନମ୍ବର ପିଛା ସର୍ବାଧିକ ଫ୍ୟୁଚର୍ ପେ କ୍ୟାଶ୍‌ବ୍ୟାକ୍ ହେବ ₹900 । ଏହି ଭାଉଚର୍ ନଗଦ ରାଶି ବା ଚେକ୍‌ରେ ପରିଶୋଧ ଯୋଗ୍ୟ ହେବ ନାହିଁ । ଏହି ଭାଉଚର୍ 11 ରୁ 20 ଡିସେମ୍ବର 2019 ମଧ୍ୟରେ ରିଡିମ୍ ଯୋଗ୍ୟ ହୋଇଥାଏ । ଶୁଳ୍କ ଅତିରିକ୍ତ ହେବ । ସର୍ତ୍ତ ଓ ନିୟମାବଳି ପ୍ରଯୁଜ୍ୟ । *ପାସେସ୍, ଗିଫ୍ଟ ଭାଉଚର୍ସ ଆକାରରେ ବିମୋଚନ ଯୋଗ୍ୟ ହେବ । 12 ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ମାଗଣା ପ୍ରବେଶ ।

**ମହାପ୍ରଭୁଙ୍କର ହେଲା ଶ୍ରୀମୁଖ ଶୃଙ୍ଗାର**

**ପୁରୀ ଅଫିସ, ୪।୧୨:** ଶ୍ରୀମନ୍ଦିରରେ ବୁଧବାର ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଅପରାହ୍ନ ୪ଟା ୨୦ରୁ ସନ୍ଧ୍ୟା ରାତି ୮ଟା ୩୫ ପର୍ଯ୍ୟନ୍ତ ଦାରୁବିଗ୍ରହଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ପ୍ରାୟ ୪ ଘଣ୍ଟା ଧରି ହୋଇଥିବା ବନକଲାଗି ନୀତି ପରେ ମହାସ୍ନାନ ହୋଇ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ପତିତା ଉଦ୍ଧାର ସମିତି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ଗଙ୍ଗନଗରସ୍ଥିତ ବାସହୀନ ଆଶ୍ରୟସ୍ଥଳୀ, ସକାଳ ୯ଟା ୩୦।
- ଆମ୍ବେଦକର ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଭାରତ ରତ୍ନ ଡ. ବି.ଆର. ଆମ୍ବେଦକରଙ୍କ ୬୩ତମ ଶ୍ରାଦ୍ଧବାର୍ଷିକ ଉତ୍ସବ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ, କୃଷି ଭବନ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ବହିର୍ବ୍ୟାପର ବିଭାଗ ମନ୍ତ୍ରଣାଳୟ ପକ୍ଷରୁ 'ବିଦେଶ ଆୟା ପ୍ରଦେଶ କେ ଦ୍ୱାର' କାର୍ଯ୍ୟକ୍ରମ, ମେ ଫେୟାର ଲାଗୁନ, ପୂର୍ବାହ୍ନ ୧୧ଟା ୩୦।
- ଏକ୍ସପ୍ରେସନ୍ସ ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଥିଏଟର ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ବିଶ୍ୱ ମୃତ୍ତିକା ଦିବସ, ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ସକାଳ ୯ଟା।

# ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଉଚ୍ଛେଦ ଆରମ୍ଭ

- ଭଙ୍ଗାଗଲା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର
- ୯ ସୁଦ୍ଧା ୧୦୦ ପ୍ରତିଶତ ଜମିର ସେଲ୍‌ଡିଡ୍ ହେବ: ଜିଲାପାଳ

**ପୁରୀ ଅଫିସ, ୪।୧୨**

ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଉଚ୍ଛେଦ ଆରମ୍ଭ ହୋଇଛି। ପୂର୍ବରୁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଏକାଧିକ ନିର୍ମାଣ ଉଚ୍ଛେଦ କରାଯାଇଛି। କିନ୍ତୁ ଏହିସବୁ ନିର୍ମାଣ ବିପଦସଂକୁଳ ଥିବା ଦର୍ଶାଯାଇ ଏହାକୁ ଭଙ୍ଗାଯାଇଥିଲା। ତେଣୁ ସୁରକ୍ଷା ଜୋନରୁ ବିଧିବଦ୍ଧ ଭାବେ ବୁଧବାର ଉଚ୍ଛେଦ ଆରମ୍ଭ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଦୋଳବେଦୀ କୋଣରେ ଥିବା ଦୀର୍ଘବର୍ଷର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭଙ୍ଗାଯାଇଛି। ୫ ପ୍ଲାଟୁନ ଫୋର୍ସ ଏବଂ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦୁଇମହଲା କୋଠାକୁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶାଇ ଦିଆଯାଇଛି। ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଘଟଣାସ୍ଥଳକୁ ଆସି ଉଚ୍ଛେଦ କାର୍ଯ୍ୟ ତଦାରଖ କରିଛନ୍ତି।

ସୁରକ୍ଷା ଜୋନ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଘରୋଇ ଜମିର ବିକ୍ରି କବଲା ସରିଥିବାବେଳେ ବୁଧବାର ଦୋଳବେଦି କୋଣରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭଙ୍ଗାଯାଇଛି। ସ୍ୱାଧୀନତା ପୂର୍ବରୁ ଲକ୍ଷ୍ମୀବଜାର ପାଖ ଦୋଳବେଦି କୋଣରେ ଏହା ଆରମ୍ଭ ହୋଇଥିଲା। ୨୦୧୧ରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ (ଏନ୍‌ୟୁଏଚ୍‌ଏମ୍) ଯୋଜନାରେ ଏହାର ନବୀକରଣ କରାଯାଇଥିଲା। ଏହା ଉପରେ ୮ଟି ୱାର୍ଡର ପ୍ରାୟ ୬୦ ହଜାର ଲୋକ ନିର୍ଭର କରୁଥିଲେ। ଏଥିସହ ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀ, ସେବାୟତ, ଲକ୍ଷ୍ମୀ ବଜାର ବ୍ୟବସାୟୀ ଏବଂ ମନ୍ଦିର ନିକଟରେ ଦୈନନ୍ଦିନ ବ୍ୟବସାୟ କରୁଥିବା ଲୋକେ ପ୍ରାଥମିକ ଚିକିତ୍ସା ପାଇଁ ଏହା ଉପରେ ଭରସା କରୁଥିଲେ। କିନ୍ତୁ ଏହାକୁ ଉଚ୍ଛେଦ କରାଯାଇ ବଳିଆପଣ୍ଡା ଅଞ୍ଚଳକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଛି। ଫଳରେ ଏହାକୁ ନେଇ ଅନେକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିରକୁ ଆସୁଥିବା ଯାତ୍ରୀ, ଦର୍ଶନାର୍ଥୀ କୌଣସି ପ୍ରାଥମିକ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିଲେ। ତେଣୁ ଏହାକୁ ବଳିଆପଣ୍ଡା ନୁହେଁ ପାଖାପାଖି କୌଣସି ସ୍ଥାନରେ ଚଳାଇବା ପାଇଁ କହିଥିଲେ। ଏଥିପାଇଁ ସରକାରୀ ଜାଗା ଖୋଜାଯାଉଛି। ମିଳିଗଲା ପରେ ବଳିଆପଣ୍ଡାରୁ ପୁନଶ୍ଚ ଶ୍ରୀମନ୍ଦିର ପାଖକୁ ଏହାକୁ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ଆଶ୍ୱାସନା ଦେଇଥିବା ବିଧାୟକ ଷଡ଼ଙ୍ଗୀ କହିଛନ୍ତି। ଉଚ୍ଛେଦ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ରାଜ୍ୟ ସରକାର ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଜମି କିଣା ସମୟ ବୃଦ୍ଧି କରିଛନ୍ତି। ଏହି ସମୟ ମଧ୍ୟରେ ୧୦୦ ପ୍ରତିଶତ ଜମିର ସେଲ୍‌ଡିଡ୍ ହୋଇଯିବ ବୋଲି ଆଶା ରଖିଛୁ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସୁରକ୍ଷା ଜୋନରେ ଥିବା ସବୁ ପରିବାର, ମଠମହନ୍ତ, ଲଜ୍ ମାଲିକ, ବ୍ୟବସାୟୀ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଏବେ ସୁରକ୍ଷା ଜୋନରେ ଉଚ୍ଛେଦ ଆରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ଏହା ଚାଲିବ ବୋଲି କହିଥିଲେ।



ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭଙ୍ଗାଯାଉଛି।

## ଜନ୍ମିତ ଛୁଆର ନଖ କାମୁଡ଼ିଲା ମା' ଭାଲୁ

**ବାରଙ୍ଗ,୪।୧୨(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଭାଲୁ ସଫାରିରେ ଥିବା ଦେଶୀ ମାଈ ଭାଲୁ ଆରତି ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଶାବକ ଜନ୍ମ ଦେଇଛି। ବୁଧବାର ସକାଳେ ଏହା ଜଣାପଡ଼ିବା ପରେ କର୍ମଚାରୀମାନେ ପାଖକୁ ଯିବାବେଳେ ଛୁଆର ୪ଟି ଗୋଡ଼ରେ ନଖଗୁଡ଼ିକ ନ ଥିବାବେଳେ ମା ଭାଲୁ ଦୂରେ ଥାଇ ସେହି ନଖଗୁଡ଼ିକୁ କାମୁଡୁଥିବା ଦେଖି କର୍ମଚାରୀମାନେ ଆଚମ୍ବିତ ହୋଇଯାଇଥିଲେ। ଏହି ଖବର ନନ୍ଦନକାନନ କର୍ତ୍ତୃପକ୍ଷ ଜାଣିବା ପରେ ମା ଆରତିଠାରୁ ଛୁଆ ଭାଲୁକୁ ଅଲଗା କରାଯାଇ ଡାକ୍ତରଖାନାରେ ଚିକିତ୍ସା କରାଯାଇ ଡାକ୍ତରଙ୍କ ନଜରବନ୍ଦୀରେ ରଖାଯାଇଛି। ସୂଚନାଯୋଗ୍ୟ, ଦେଶୀ ଭାଲୁ ଆରତି ପ୍ରଥମକରି ଏକ ଛୁଆଟିକୁ ଜନ୍ମ ଦେଇଥିବାର ସକାଳେ କର୍ମଚାରୀ ଦେଖିଥିଲେ। ଡାକ୍ତରମାନେ ଆସି ଜନ୍ମିତ ଶାବକର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ପରେ ୪ଟି ଗୋଡର ନଖ ନ ଥିବା ଦେଖିଥିଲେ। ପରେ ମା ଆରତି ସେହି ନଖଗୁଡ଼ିକୁ ଚାଟି ଖାଉଥିବାର ଦେଖିଥିଲେ। ବହୁ ସମୟ ଅପେକ୍ଷା ପରେ ଆରତି ଜନ୍ମିତା ଶିଶୁ ପାଖକୁ ନ ଆସିବାରୁ ଗ୍ରହଣ କରୁ ନଥିବା ଜାଣି ଛୁଆଟିକୁ ଅଲଗା କରିଥିଲେ। ଦୀର୍ଘଦିନର ବ୍ୟବଧାନ ପରେ ଭାଲୁଛୁଆ ଜନ୍ମ ନନ୍ଦନକାନନ ପାଇଁ ଖୁସିର ବାତାବରଣ ସୃଷ୍ଟି କରିଛି। ଏହି ନବଜାତକକୁ ମିଶାଇ ନନ୍ଦନକାନନରେ ଦେଶୀ ଭାଲୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।





କୋଣାର୍କ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ କଳାକାରଙ୍କ ନୃତ୍ୟ ଓ ନାଟକ ପରିବେଷଣ।

## ପ୍ରହଲ୍ଲାଦ ନାଟକର ଶାସ୍ତ୍ରୀୟ ଉପସ୍ଥାପନାରେ ଦର୍ଶକ ମନ୍ତ୍ରମୁଗ୍ଧ

**କୋଣାର୍କ ଉତ୍ସବର ଚତୁର୍ଥ ସନ୍ଧ୍ୟା**

**କୋଣାର୍କ,୪।୧୨(ଡି.ଏନ.ଏ.)**

ସୂର୍ଯ୍ୟମନ୍ଦିର ପାଦଦେଶ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା କୋଣାର୍କ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ କଳାକାରମାନେ କୁଚିପୁଡ଼ି ଓ ଓଡ଼ିଶୀରେ ଦେଶଭକ୍ତି ଓ ପୁରାଣର ପ୍ରସଙ୍ଗ ନିଖୁଣ ଉପସ୍ଥାପନ କରିଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତି ଥିଲା କୁଚୁପୁଡ଼ି ଶାସ୍ତ୍ରୀୟ ନୃତ୍ୟରେ ଭାରତ-ଭାରତୀ। ସୁପ୍ରସିଦ୍ଧ କୁଚିପୁଡ଼ି ନୃତ୍ୟଗୁରୁ ଦମ୍ପତି ରାଜା ଓ ରାଧା ରେଡ୍ଡୀ ନିଜ ସଂଯୋଜନାରେ ଭାରତ-ଭାରତୀରେ ଏକ ନୂତନ ଭାରତକୁ ପ୍ରତ୍ୟକ୍ଷ କରିଥିଲେ, ଯାହା କଳା, ସଂସ୍କୃତିର ପୃଷ୍ଠଭୂମି ଉପରେ ଦଣ୍ଡାୟମାନ ଥିଲା। ସନ୍ଧ୍ୟାର ଦ୍ୱିତୀୟ ପ୍ରସ୍ତୁତି ଥିଲା, ଗଞ୍ଜାମ ଜିଲାର ଜଳନ୍ତର ରାଜ୍ୟରେ ଜନ୍ମ ନେଇଥିବା ପ୍ରହଲ୍ଲାଦ ନାଟକର ଶାସ୍ତ୍ରୀୟ ରୂପାନ୍ତର। ପୁରାଣ ଆଧାରିତ ଶ୍ରୀବିଷ୍ଣୁଙ୍କ ନୃସିଂହ ଅବତାରକୁ ନେଇ ଉପସ୍ଥାପିତ ପ୍ରହଲ୍ଲାଦ ନାଟକର ଭାଷା, ବେଶଭୂଷା, ସଂଗୀତ, ଅଭିନୟ ଏକ ଶାସ୍ତ୍ରୀୟ ଲୀଳା ନାଟକ ଭାବେ ପରିବେଷିତ ହୋଇ ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା। ଡ.ଶାନ୍ତନୁ କୁମାର ରଥଙ୍କ କଳାତ୍ମକ ସଂରଚାନ ଓ ଗୁରୁ ରାମହରି ଦାସଙ୍କ ସଂଗୀତ ସଂଯୋଜନାକୁ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀଗଣ ମଂଚରେ ପରଶିଦେଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଏବଂ ଡ. ସାଧନା ଶ୍ରୀବାସ୍ତବଙ୍କ ମଞ୍ଚ ସଂଯୋଜନାକୁ ନେଇ ଚତୁର୍ଥ ସଂନ୍ଧ୍ୟା ଶୁଭାରମ୍ଭ ହୋଇଥିଲା। ଅତିଥିଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି କଳ୍ପେଶ ସତେନ୍ଦ୍ର ଝାଭେରୀ, ପୂର୍ବତଟ ରେଲୱେ ମହାପ୍ରବନ୍ଧକ ବିଦ୍ୟା ଭୂଷଣ, ପର୍ଯ୍ୟଟନ ସଚିବ ବିଶାଲ କୁମାର ଦେବ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଡ. ସଂଗୀତା ଗୋସାଇଁ, ବିଜୟ କୁମାର ଜେନା, ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଉତ୍ପଳ ପତି, ରତିକାନ୍ତ ପଟ୍ଟନାୟକ, ସରୋଜକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଚନ୍ଦ୍ରଭାଗାଠାରେ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହୋଇଥିଲା, ଯାହାକୁ ଦେଖିବାକୁ ବେଳାଭୂମି କୂଳରେ ପ୍ରବଳ ଭିଡ଼ ହୋଇଥିଲା।

**ଡ୍ରାଇଭରଙ୍କ ମୃତଦେହ ମିଳିବା ଘଟଣା**

## ହତ୍ୟା ମାମଲା ରୁଜୁକଲା ପୋଲିସ

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଶ୍ରୀବିହାରସ୍ଥିତ ଏକ ଆପାର୍ଟମେଣ୍ଟ ନିକଟ ପାଚେରୀ କଡ଼ରୁ ସନ୍ଦେହଜନକ ଅବସ୍ଥାରେ ଜଣେ କାର୍ ଡ୍ରାଇଭରଙ୍କ ମୃତଦେହକୁ ପୋଲିସ ସୋମବାର ଉଦ୍ଧାର କରିଥିଲା। ମୃତକ ଜଣକ ହେଲେ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ସୁନୀଲ୍ ସେଠୀ। ପ୍ରାଥମିକ ଅବସ୍ଥାରେ ପୋଲିସ ୮୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମାତ୍ର ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ୪୮୧/୧୯ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁନୀଲ ବ୍ରହ୍ମଗିରିର ଏକ ଟ୍ରାଭେଲ୍ସରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ସେ ଗତ ରବିବାର ଏକ କାରରେ ଜଣେ ବ୍ୟକ୍ତିଙ୍କୁ ଭଡ଼ାରେ ଶ୍ରୀବିହାର ଆଣି ହଠାତ୍ ଗାଡ଼ି ଛାଡ଼ି କେଉଁଆଡେ ଚାଲିଯାଇଥିଲେ। ସୋମବାର ସକାଳୁ ତାଙ୍କ ମୃତଦେହ ମିଳିଥିଲା। ସୁନୀଲଙ୍କୁ ଯୋଜନା ମୁତାବକ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତଦନ୍ତକାରୀ ଅଧିକାରୀ ଜ୍ଞାନନନ୍ଦ ଶାହା କହିଛନ୍ତି, ସୁନୀଲଙ୍କ ନିକଟରୁ ମିଳିଥିବା ମୋବାଇଲ୍ ଫୋନ୍‌ରେ ୧୦୪ ମିସ୍‌ଡ କଲ୍ ରହିଛି। ସାଇଣ୍ଟିଫିକ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



କାହ୍ନୁ



ସୁଜାତା



ଚଗଲା



ଜଗତ



ଚିନ୍ମୟ



ଦେବନାଥ



କାଳୀ



ପଦ୍ମ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ

www.dharitri.com/category/selfie/

# 'କାଜି' ପଦବୀରୁ କାଜିବଜାର

**ନାଁ ପଛର କାହାଣୀ**



### ଏଠାକାର ସମସ୍ୟା

ଦୀର୍ଘଦିନ ଧରି ଏଠାକାର ମୁଖ୍ୟ ସମସ୍ୟା ହୋଇ ରହିଛି ଜଳ ନିଷ୍କାସନ ବ୍ୟବସ୍ଥା। ଅସରାଏ ବର୍ଷାରେ ଆଣ୍ଠୁଏ ଉଚ୍ଚର ପାଣି ଘର ଭିତରେ ଲହଡ଼ି ମାରେ। ପ୍ରଶାସନ ଏଥିପ୍ରତି କୌଣସି ଦୃଷ୍ଟି ଦେଉନାହିଁ ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି।

କଟକ ସହରର ପୁରାତନ ସ୍ଥାନ ମଧ୍ୟରୁ କାଜିବଜାର ସର୍ବପୁରାତନ। ଏହି ସାହିର ନାମ ପଛରେ ସ୍ୱତନ୍ତ୍ରତା ରହିଥିଲେ ବି ଏହାର ମୁଖ୍ୟ ସ୍ୱତନ୍ତ୍ରତା ହେଉଛି ଭାଇଚାରା। କେବେ ବି କୌଣସି ସମ୍ପ୍ରଦାୟ ମଧ୍ୟରେ ତିକ୍ତତା ଦେଖାଦେଇ ନ ଥାଏ। ହିନ୍ଦୁ ହୁଅନ୍ତୁ କି ମୁସଲିମ୍ ସମସ୍ତେ ମିଳିମିଶି ପର୍ବପର୍ବାଣି ପାଳନ କରନ୍ତି।

- ପ୍ରଦୀପ୍ତ କୁମାର ସିହ୍ନା, କାଜିବଜାର ସମ୍ପାଦକ

ବର୍ଷ ଯାକ ଏଠାରେ ଧାର୍ମିକ ବାତାବରଣ ରହିଥାଏ। ସବୁ ସମୟରେ ପୂଜାର୍ଚ୍ଚନା ଲାଗିରହିଥାଏ। ସାହିରେ ଅନେକ ବିକାଶ ହୋଇଛି। ଏଠାରେ ଗୋଟିଏ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା କରାଯାଉଛି।

- ସୁବା କ୍ରିଷ୍ଣା ସରକାର, ସଭାପତି

ରିପୋର୍ଟ: ଅଶୋକ କୁମାର ବାରିକ

**କଟକ ଅଫିସ, ୪।୧୨**

ବାଉନ ବଜାର ତେପନ ଗଳିର ସହର କଟକ। ଯଦିଓ ଏବେ ଏହି ଐତିହାସିକ ସହରରେ ଶହେ ବଜାର ହଜାରେ ଗଳି ସୃଷ୍ଟି ହେଲାଣି ତଥାପି କଟକ ସହିତ ଏହି ଢଗଟି ଚିରକାଳ ଧରି ରହିଆସିଛି। ଏହି ପ୍ରାଚୀନ ସହରର ପ୍ରତ୍ୟେକ ଗଳିକନ୍ଦି ପଛରେ ରହିଛି ଇତିହାସ ଓ ଅନେକ କାହାଣୀ। ଏହି କାହାଣୀଗୁଡ଼ିକ ଯେତିକି ରୋଚକ ସେତିକି ଶିକ୍ଷଣୀୟ। ରାଜ୍ୟର ପୁରୁଣା ରାଜଧାନୀ କଟକରୁ ସହରୀ ସଭ୍ୟତା ଆରମ୍ଭ ହୋଇଥିବା କୁହାଯାଏ। କଟକର ସାହି, ବସ୍ତି ଓ ବଜାର ସହିତ ଯୋଡ଼ି ହୋଇ ରହିଥିବା କାହାଣୀକୁ ଲୋକଲୋଚନକୁ ଆଣିବା ନିମନ୍ତେ 'ଧରିତ୍ରୀ'ର ଏକ ପ୍ରୟାସ। ଧରିତ୍ରୀର ହସ୍ତଗତ ହୋଇଥିବା ୨୦୦ ବର୍ଷ ତଳର ଏକ ପ୍ରାଚୀନ ନଥିକୁ ଆଧାର କରାଯାଇ ଏହି ସ୍ୱତନ୍ତ୍ର ସ୍ତମ୍ଭ ପ୍ରସ୍ତୁତ କରାଯାଉଛି। ତତ୍କାଳୀନ ଚିଫ୍ ସେକ୍ରେଟାରୀ ଅଫ୍ ଗଭର୍ଣ୍ଣମେଣ୍ଟ ଜଜ୍ ଡୁଡୁସ୍‌ୱେଲ ଏସ୍‌କୋୟାରଙ୍କ ଲିଖିତ ଏହି ନଥି କଟକ ଉପରେ ଅନେକ ଚମତ୍କାର ତଥ୍ୟ ପ୍ରଦାନ କରୁଛି। ଏହି କ୍ରମରେ କଟକର କାଜି ବଜାର ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା।

କଟକ ମହାନଗର ନିଗମ ଅଧୀନ ୧୩, ୧୫ ଓ ୧୯ ନମ୍ବର ୱାର୍ଡକୁ ନେଇ କାଜିବଜାର ପରିବ୍ୟାପ୍ତ। ଏଠାରେ ୫୦୦ରୁ ଊର୍ଦ୍ଧ୍ୱ ଘର ରହିଛି। ଏଠାରେ ଅଧିକାଂଶ ପରିବାର ହେଉଛନ୍ତି ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର। କାଜିବଜାର ନାଁ ପଛରେ ଏକ ଇତିହାସ ରହିଛି। ମୁସଲମାନ ଧର୍ମଶାସ୍ତ୍ର ଶାସନ ପଦ୍ଧତି ଅନୁଯାୟୀ 'କାଜି' ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ। ମୁସଲମାନ ସମ୍ପ୍ରଦାୟର ଏମାନେ ବିଚାରକ। ଓଡ଼ିଶାରେ ମୋଗଲ ଶାସନ ପ୍ରତିଷ୍ଠା ହେବା ପରେ ଯେଉଁ କେତେକ ସାମାଜିକ ଅନୁଷ୍ଠାନ ପ୍ରତି ସାଧାରଣ ଲୋକ ତଥା ପ୍ରଶାସନିକ କର୍ମଚାରୀଙ୍କ ସମ୍ମାନ ରହିଥିଲା ସେଥିମଧ୍ୟରେ 'କାଜି' ପଦବୀ ଓ ଅନୁଷ୍ଠାନ ଥିଲା ଅନ୍ୟତମ। ମୁସଲମାନ ରାଜତ୍ୱ ଆରମ୍ଭ ହେବା ସହିତ ବିଚାରାଳୟରେ ମୁନ୍‌ସିଫ୍ ଓ କାଜିମାନେ ନିଯୁକ୍ତି ପାଉଥିଲେ। କଟକର କିଛି ଅଞ୍ଚଳରେ କାଜିମାନେ ବସତି ସ୍ଥାପନ କରିଥିଲେ। କାଜି (ବିଚାରପତି) ପଦବୀର ନାମାନୁସାରେ ଏହି ବଜାର ନାମ କାଜିବଜାର ଭାବେ ନାମିତ ହୋଇଛି।

### କ'ଣ ରହିଛି ଏଠାରେ

କାଜିବଜାରରେ ଅନେକ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି ଯାହା ୧୯୧୯ ମସିହାରେ ସ୍ଥାପନ ହୋଇଥିଲା। ସେହିପରି ଭକ୍ତମଧୁ ବିଦ୍ୟାପୀଠ ରହିଛି। ଅତୀତରେ ଏହାର ନାମ ଟାଉନ ଭିକ୍ଟୋରିଆ ସ୍କୁଲ ଥିଲା। କାଜିବଜାର ସାହିରେ ଅଁଳେଶ୍ୱର ମହାଦେବ ପୂଜା ପାଉଥିବାବେଳେ କାଜିବଜାର ଛକରେ ଦୁର୍ଗାମଣ୍ଡପ ଶୋଭା ପାଇଥାଏ। ଏଥିସହିତ କାଜିବଜାର ପୂଜା କମିଟି ପକ୍ଷରୁ ପ୍ରତିବର୍ଷ କାଳୀ, ସରସ୍ୱତୀ, କାର୍ତ୍ତିକେଶ୍ୱର, ଦୁର୍ଗା ଓ ଲକ୍ଷ୍ମୀଙ୍କ ପୂଜା ପାଳନ କରାଯାଇଥାଏ। କାଜି ବଜାର ପୂଜା କମିଟି ପକ୍ଷରୁ ପ୍ରଥମେ ଲକ୍ଷ୍ମୀଙ୍କ ଚାନ୍ଦିମେଢ ନିର୍ମାଣ କରାଯାଇଛି। ସେହିପରି ମୁସଲମାନ ସମ୍ପ୍ରଦାୟର ସତ୍ୟପୀରଙ୍କ ପୀଠ ମଧ୍ୟ ଏଠାରେ ରହିଛି। ଏହି ସାହିର ସ୍ୱତନ୍ତ୍ରତା ହେଉଛି ଏଠାକାର ଭାଇଚାରା। ହିନ୍ଦୁ ହୁଅନ୍ତୁ କି ମୁସଲମାନ ସମସ୍ତେ ପର୍ବପର୍ବାଣି ମିଳିମିଶି ପାଳନ କରିଥାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଜି.ଏ.ଆର୍. ଦୋରା ଏହି କାଜି ବଜାରର ବାସିନ୍ଦା।

## ୪ଜଣଙ୍କୁ ବଞ୍ଚାଇଥିବା ଟ୍ରାଫିକ୍ କନ୍‌ଷ୍ଟେବଲ ପୁରସ୍କୃତ

**ଭୁବନେଶ୍ୱର,୪।୧୨(ବ୍ୟୁରୋ):** ୪ଜଣଙ୍କ ଜୀବନ ବଞ୍ଚାଇଥିବା ଜଣେ ଟ୍ରାଫିକ କନ୍‌ଷ୍ଟେବଲଙ୍କୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପୁରସ୍କୃତ କରିଛନ୍ତି। କନ୍‌ଷ୍ଟେବଲ ଜଣକ ହେଲେ ଲଳିତ ମୋହନ ରାଉତ। ଗତ ୩୦ ତାରିଖ ରାତି ସାଢେ ୮ଟାବେଳେ ଲଳିତ କଟକ ଶିଖରପୁର ଟ୍ରାଫିକ ପୋଷ୍ଟରେ ଡ୍ୟୁଟି କରୁଥିଲେ। ଜଗତପୁର ଆଡୁ ଏକ ଟ୍ରକ ଦ୍ରୁତ ଗତିରେ ଓଏମ୍‌ପି ଛକ ଆଡକୁ ଆସୁଥିଲା। ଏହି ସମୟରେ ୨ ବାଇକରେ ୪ଜଣ ବ୍ୟକ୍ତି ବେପରୁଆ ଭାବେ ରାସ୍ତା ପାର ହେଉଥିଲେ। ଲଳିତ ଏହାଦେଖି ତୁରନ୍ତ ଟ୍ରାଫିକ ପୋଷ୍ଟରୁ ଦୌଡ଼ି ଯାଇ ଟ୍ରକ୍ ସାମ୍ନାରୁ ସେମାନଙ୍କୁ ଗାଡ଼ି ସହ ରାସ୍ତା ପାର୍ଶ୍ୱକୁ ଟାଣି ନେଇଯାଇଥିଲେ। ତାଙ୍କର ଉପସ୍ଥିତ ବୁଦ୍ଧି ଓ ସାହସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା।




କନଷ୍ଟେବଲ ଲଳିତ ମୋହନ ରାଉତଙ୍କୁ ପୁରସ୍କୃତ କରାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୫/୨୦୧୯ Bhubaneswar, Thursday, December 5/2019

## ସଂକ୍ଷେପରେ

### ୨୦ରୁ ଓଡ଼ିଶା ପରିବେଶ କଂଗ୍ରେସ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ):** ଆସନ୍ତା ୨୦ ତାରିଖରୁ ୧୦ମ ଓଡ଼ିଶା ପରିବେଶ କଂଗ୍ରେସ ଆରମ୍ଭ ହେବ। ଚଳିତବର୍ଷ 'ଖଣି ଏବଂ ପରିବେଶ' ବିଷୟକୁ ନେଇ ତିନିଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ସଂଗ୍ରହାଳୟରେ ଅନୁଷ୍ଠିତ ହେବ। ରାଜ୍ୟ ଏବଂ ରାଜ୍ୟ ବାହାରୁ ୩୦ ଗବେଷକଙ୍କ ପ୍ରବନ୍ଧ ସମ୍ପାଦିତ କରାଯାଇ ଏକ ପୁସ୍ତକ ପ୍ରକାଶ ପାଇବ, ଯାହା ଉପରେ ତିନିଦିନ ଧରି ଆଲୋଚନା ହେବ। ଏହି ଅବସରରେ 'ଦାୟିତ୍ୱ ସମ୍ପନ୍ନ ଖଣି ଖନନ ଓ ଖଣି ଶିଳ୍ପ' ଏବଂ ଭୁକ୍ତଭୋଗୀଙ୍କ ସ୍ୱର' ଉପରେ ଏକ ବିଶେଷ ଅଧିବେଶନ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଏକ ତଥ୍ୟ ସମ୍ବଳିତ ପୁସ୍ତକ ଉନ୍ମୋଚନ ହେବା ସହ 'ଯୁବ ବୈଜ୍ଞାନିକ ସମ୍ମାନ', 'ସବୁଜ ପ୍ରତିନିଧି ସମ୍ମାନ', 'ଏସ୍.ବି. ମିଶ୍ର ସବୁଜ ଶିଳ୍ପ ସଂସ୍ଥା ସମ୍ମାନ' ପ୍ରଦାନ କରାଯିବ। ତେବେ ଏହା ପୂର୍ବରୁ ଆସନ୍ତା ୧୫ ତାରିଖରେ ସଂଗ୍ରହାଳୟ ପରିସରରେ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖଣି ଏବଂ ପରିବେଶ ବିଷୟକୁ ନେଇ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଆୟୋଜିତ ହେବ। ଏହାସହ କେନ୍ଦୁଝର ଓ ଝାରସୁଗୁଡ଼ାରେ ପରିବେଶ ଓ ଖଣି ବିଷୟକୁ ନେଇ ଦୁଇଟି ଜିଲାସ୍ତରୀୟ କର୍ମଶାଳା ଆୟୋଜନ କରାଯିବ। ଖବରଦାତା ସମ୍ମିଳନୀରେ ଓଡ଼ିଶା ପରିବେଶ କଂଗ୍ରେସ ଅଧ୍ୟକ୍ଷ ଧୀରେନ କୁମାର ରାୟ, କାର୍ଯ୍ୟକାରୀ ସମ୍ପାଦକ ସୁଦର୍ଶନ ଦାସଙ୍କ ସମେତ ଡ. ବିଧୁ ଭୂଷଣ ସାମନ୍ତ, ଜୟକୃଷ୍ଣ ପାଣିଗ୍ରାହୀ, ନିରଦ ଖୁଣ୍ଟିଆ, ବିଜୟ ପ୍ରଧାନ, ସୁବ୍ରତ ରାଉତ, ଦିଲୀପ ସାବତ ଏବଂ ସରିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୀ ନାବାଳିକା ଗଣବଳାତ୍କାର ମାମଲା

# କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ

**ପୁରୀ ଅଫିସ, ୪।୧୨**

ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାରର ଶିକାର ହୋଇଥିବା ନାବାଳିକାଙ୍କର ବୁଧବାର ସିଆରପିସି ଧାରା ୧୬୧ ଓ ୧୬୪ରେ ପୁରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ପୂର୍ବରୁ ଜେଲ୍ ଯାଇଥିବା ଦୁଇଜଣ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ଆଣିବା ଲାଗି ଆବେଦନ କରିବ। ସେହିପରି ଫେରାର ଥିବା ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କୁ ଧରିବା ଲାଗି ଗଠିତ ଦୁଇଟି ଟିମ୍ ବାହାର ରାଜ୍ୟରେ ଚଢ଼ାଉ ଜାରି ରଖିଛି। ପୀଡିତାଙ୍କୁ ୫ଲକ୍ଷ କ୍ଷତିପୂରଣ ଦିଆଯିବା ନେଇ ଜିଲା ଆଇନସେବା ପ୍ରାଧିକରଣ ସହ ଆଲୋଚନା କରାଯାଇଛି। ପୋଲିସ ପକ୍ଷରୁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରାଯିବ। ସମ୍ପୂର୍ଣ୍ଣ ତଥ୍ୟ ପ୍ରମାଣ ସହ ୨୦ଦିନ ମଧ୍ୟରେ ଚାର୍ଜସିଟ୍ କରାଯିବ ବୋଲି ବୁଧବାର ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ପୀଡିତାଙ୍କ ସ୍କୁଲ ସାର୍ଟିଫିକେଟ ଯାଞ୍ଚରୁ ସେ ନାବାଳିକା ବୋଲି ପ୍ରମାଣ ମିଳିଛି। ଏହି ଘଟଣାକୁ ଗୁରୁତର ସହିତ ନିଆଯାଇଛି। ପୀଡିତାଙ୍କୁ ଯେପରି ନ୍ୟାୟ ମିଳିବ ସେଥିଲାଗି ଲିଗାଲ ଆଡଭାଇଜରଙ୍କ ସହ ଆଲୋଚନା କରାଯାଇଛି ବୋଲି ଏସ୍‌ପି କହିଥିଲେ।


କୁମ୍ଭାରପଡ଼ା ଥାନାରେ ମହିଳା କମିଶନ ଅଧ୍ୟକ୍ଷା ଓ ଅନ୍ୟମାନେ।

- ପୀଡ଼ିତାଙ୍କୁ ଭେଟିଲେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା
- କ୍ଷତିପୂରଣ ଲାଗି ଆବେଦନ କରିବ ପୋଲିସ
- ରିମାଣ୍ଡରେ ଆସିବେ ଅଭିଯୁକ୍ତ

### ତ୍ୱରିତ ନ୍ୟାୟ ଓ କ୍ଷତିପୂରଣ ନିର୍ଦ୍ଦେଶ

ମଙ୍ଗଳବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଶିଶୁ ଯତ୍ନ ଅନୁଷ୍ଠାନରେ ପୀଡିତାଙ୍କୁ ଭେଟିଥିଲେ। ପରେ ଜିଲାପାଳ ବଳବନ୍ତ ସିଂ ଓ ଏସ୍‌ପି ଦାଶଙ୍କ ସହ ଆଲୋଚନା କରିଥିଲେ। ବୁଧବାର ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ଏକ ଟିମ୍ ସହିତ ଶିଶୁ ଯତ୍ନ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ଏସ୍‌ପି, ଡିଏସ୍‌ପି ଓ ତଦନ୍ତ ଅଫିସରଙ୍କ ସହ ଆଲୋଚନା କରି ନ୍ୟାୟିକ ପ୍ରକ୍ରିୟାର ଅଗ୍ରଗତି ଓ ପୀଡିତାଙ୍କୁ ତୁରନ୍ତ କ୍ଷତିପୂରଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ଶିଶୁ ଆୟୋଗ ଅଧ୍ୟକ୍ଷା ପ୍ରଧାନ ପୀଡିତାଙ୍କ କାଉନସିଲିଂ ମାଧ୍ୟମରେ ତାଙ୍କ ଇଚ୍ଛାନୁସାରେ ଥଇଥାନ ଲାଗି ନିର୍ଦ୍ଦେଶ ଦେଇଥିଲେ।

### କାରକୁ ନେଇ ବଢୁଛି ସନ୍ଦେହ

ପୀଡିତା ଗଣମାଧ୍ୟମକୁ ଦେଇଥିବା ବୟାନ ପ୍ରକାରେ ସେ ନିମାପଡା ବସ୍‌ଷ୍ଟାଣ୍ଡରେ ଠିଆ ହୋଇଥିବାବେଳେ ଏକ କାର ଯୋଗେ ଜିତେନ୍ଦ୍ର ଆସିଥିଲେ। ତେବେ ଏହି କାର ସମ୍ପର୍କରେ ଡିଆଇଜି ଆଶିଷ କୁମାର ସିଂଙ୍କୁ ବାରମ୍ବାର ପ୍ରଶ୍ନ କରାଯାଇଥିବାବେଳେ କାର ମାଲିକ ଓ ଡ୍ରାଇଭରଙ୍କ ସମ୍ପର୍କରେ ସେ କୌଣସି ସୂଚନା ଦେଇ ନ ଥିଲେ। ଏହାର ଅନ୍ୟ ଦିଗ ପ୍ରତି ଗୁରୁତ୍ୱ ଦିଆଯାଉଛି। ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତରେ ସହାୟକ କରିବାକୁ କହି ଏଡାଇ ଚାଲି ଯାଇଥିଲେ। ଏବେ ଏହି କାରକୁ ନେଇ ସାଧାରଣରେ ଚର୍ଚ୍ଚା ବଢିବାରେ ଲାଗିଛି। ଏହି କାର କାହାର। କାରଟି କେଉଁଠି ଆସିଥିଲା। ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

### ନବନିର୍ମାଣ ଯୁବଛାତ୍ର ସଂଗଠନ- ପୋଲିସ ମୁହାଁମୁହିଁ

# ବଳାତ୍କାରୀଙ୍କୁ ଫାଶୀ ଦିଆଯାଉ

**ଭୁବନେଶ୍ୱର, ୪।୧୨ (ବ୍ୟୁରୋ)**

ମହିଳାଙ୍କ ବିରୋଧରେ ହିଂସା ସୀମା ଟପିଛି। ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବଳାତ୍କାର ବଢ଼ି ଚାଲିଛି। ସରକାର ବଳାତ୍କାରୀଙ୍କୁ ତତ୍କାଳ ମୃତ୍ୟୁଦଣ୍ଡ ଦେବା ପାଇଁ ଆଇନ୍ ଆଣିବା ନିମନ୍ତେ ନବନିର୍ମାଣ ଯୁବଛାତ୍ର ସଂଗଠନ ଦାବି କରିଛି। ଏ ପରିପ୍ରେକ୍ଷୀରେ ସଂଗଠନ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍‌ଠାରେ ଶୋଭାଯାତ୍ରା ଓ ବିକ୍ଷୋଭ କରି ଓଡ଼ିଶା ସମେତ ଦେଶରେ ଘଟିଥିବା ଏହି ଲୋମଟାଙ୍କୁରା ଘଟଣା ବିରୋଧରେ ସ୍ୱର ଉଠାଇଛି। ନବୀନ ନିବାସ ଘେରାଉ ପାଇଁ ବିକ୍ଷୋଭ ଶୋଭାଯାତ୍ରା ଯାଉଥିବାବେଳେ ଶିଶୁ ଭବନ ଛକରେ ପୋଲିସ ଅଟକାଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ବହୁ ସମୟ ଧରି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ସଂଗଠନର ବହୁ ନେତା ଓ ସଦସ୍ୟଙ୍କୁ ଗିରଫ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ସଂଗଠନର ଅନ୍ୟତମ ପ୍ରତିଷ୍ଠାତା ଶେଷଦେବ ନନ୍ଦ କହିଛନ୍ତି, ଦିଲ୍ଲୀର ନିର୍ଭୟା ଓ ହାଇଦ୍ରାବାଦର ମହିଳା ଡ଼ାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ଓଡ଼ିଶାରେ ବାରମ୍ବାର ଘଟୁଛି। ମୟୂରଭଞ୍ଜରେ ଅଧ୍ୟାପିକାଙ୍କ ମୃତ୍ୟୁ ଘଟଣାଠାରୁ ପୁରୀ ପୋଲିସ୍ କ୍ୱାର୍ଟର୍ସ ଘଟଣା ସବୁଠୁ ବଳିଯାଇଛି। କଠୋର କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଅଭିଯୁକ୍ତମାନେ ଏପରି କାଣ୍ଡ ଘଟାଇବାକୁ ସାହସ କରୁଛନ୍ତି। ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ଏଥିପାଇଁ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି। ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ, ଦୁର୍ଗାପ୍ରସାଦ ଦାସ, ମହିଳାନେତ୍ରୀ ମଧୁମିତା ସାମଲ, ମମତା ନାଥ ପ୍ରମୁଖ ରାଜ୍ୟ ସରକାର ଓ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବିକ୍ଷୋଭରେ ଯୁବଛାତ୍ର ସଂଗଠନର ରାଜ୍ୟ ସହ ସଂଯୋଜକ ସାଇ ପ୍ରସାଦ ପଲ୍ଲାଇ, ରଞ୍ଜନ ନାୟକ, ସୋନାଲି ମିଶ୍ର, ନାରୀନେତ୍ରୀ ମୀନା ସାହୁ, କୁନି ମହାପାତ୍ର, ଶେଖ୍ ତସୱର, ରିତେଶ ଦାସ, ଅଶ୍ୱିନୀ ଜେନା, ବିପ୍ଳବ କୁମାର ପ୍ରଧାନ, ବବୁଲ ନାୟକ, ଅମରଜିତ୍ ସ୍ୱାଇଁ, ଚିଣ୍ଟୁ ନନ୍ଦ ଯୋଗଦେଇଥିଲେ।

## କନଷ୍ଟେବଲଙ୍କ ନାମରେ ଅଭିଯୋଗ ଆଣିଲେ ମହିଳା

**ପୁରୀ ଅଫିସ, ୪।୧୨**

ପୁରୀ ଟାଉନ ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲ ଜନୈକ ବିବାହିତ ମହିଳାଙ୍କୁ ଦୁର୍ବ୍ୟବହାର ସହ ଅଶ୍ଳୀଳ ଇଙ୍ଗିତ କରୁଥିବା ନେଇ ମଙ୍ଗଳବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରୁ ନ ଥିବାରୁ ମହିଳା ଜଣକ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ପୀଡ଼ିତା କୁହନ୍ତି, ତାଙ୍କ ସ୍ୱାମୀଙ୍କଠାରୁ ସମୁଦ୍ରକୂଳ ଅଞ୍ଚଳର ଜଣେ ଅପରାଧି ସାଢେ ୪ଲକ୍ଷ ଟଙ୍କା ଧାର ନେଇଥିଲେ। ଏବେ ମାଗିବାବେଳେ ସେ ଧମକ ଚମକ ଦେଉଛନ୍ତି। ବିଭିନ୍ନ ଅପରାଧିକ ମାମଲାରେ ସେ ଲିପ୍ତ ରହିଛନ୍ତି। ପୋଲିସକୁ ମୋଟା ଅଙ୍କର ବଟି ଦେଇ ନିଜ ଅପରାଧ ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି। ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସମୁଦ୍ରକୂଳ ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଓଲଟି ଥାନାରେ ମୋତେ ଦୁର୍ବ୍ୟବହାର କରାଯାଇଛି। ଅନ୍ୟପଟେ ସମୁଦ୍ରକୂଳ ଥାନା ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେ ଜାମିନ୍‌ରେ ଆସିଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ମହିଳା ଜଣକ କହିଛନ୍ତି।

### ଓଜନ ମାପ ସହକାରୀ ନିୟନ୍ତ୍ରକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ, ୪।୧୨:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଓଜନ ଓ ମାପ ବିଭାଗର ସହକାରୀ ନିୟନ୍ତ୍ରକ ରାମଚନ୍ଦ୍ର ଦଳେଇଙ୍କ ଘରେ ବୁଧବାର ଭିଜିଲାନ୍ସ ଯାଞ୍ଚ କରିଛି। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଦଳେଇଙ୍କ ଭୁବନେଶ୍ୱରସ୍ଥିତ ବହୁତଳ ବିଶିଷ୍ଟ ଆବାସିକ କୋଠା, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ସିଂହପୁର ଗ୍ରାମରେ ଥିବା ଘର ଓ ଭୁବନେଶ୍ୱରସ୍ଥ କାର୍ଯ୍ୟାଳୟ ଆଦି ରହିଛି। ଯାଞ୍ଚରୁ ମୋଟ ୧ କୋଟି ୨୫ ଲକ୍ଷ ୪୫ହଜାର ୧୧୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏହି ସମସ୍ତ ସମ୍ପତ୍ତି ଦଳେଇ ଓ ପରିବାରବର୍ଗଙ୍କ ଦଖଲରେ ରହିଛି। ଭିଜିଲାନ୍ସ ଆକଳନ ଅନୁଯାୟୀ, ଭୁବନେଶ୍ୱରସ୍ଥିତ ୩ ମହଲା କୋଠାର ମୂଲ୍ୟ ୮୭ଲକ୍ଷ ୭୫ହଜାର ୯୩୬, ଏକ ପ୍ଲଟର ମୂଲ୍ୟ ୮୨ହଜାର ଏବଂ ୩ଟି ବାଇକ୍‌ର ମୂଲ୍ୟ ୧ ଲକ୍ଷ ୮୫ହଜାର ଟଙ୍କା ହୋଇଥିବାବେଳେ ୧୦ ଲକ୍ଷ ୮୧ହଜାର ୬୮୪ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା ରହିଛି। ଦଳେଇଙ୍କ ଘରୁ ୧୫ ଲକ୍ଷ ୩୦ହଜାର ୨୪୫ ଟଙ୍କାର ସୁନା ଗହଣା ସମେତ ୮ ଲକ୍ଷ ୯୦ହଜାର ୨୫୨ ଟଙ୍କାର ଆସବାବପତ୍ର ଠାବ କରାଯାଇଛି।

### ସହକାରୀ ସର୍ଜନ ପଦବୀ ଲାଗି ବୟସ ସୀମା ମାମଲା

# ଓପିଏସ୍‌ସି, ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ ଅଫିସ, ୪।୧୨**

ସହକାରୀ ସର୍ଜନ ପଦବୀ ଲାଗି ଧାର୍ଯ୍ୟ ବୟସ ସୀମାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି କୋର୍ଟ ଏ ସମ୍ପର୍କରେ ଜବାବ ଦାଖଲ କରିବା ପାଇଁ ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଏବଂ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସୂଚନା ଥାଉ କି, ସହକାରୀ ସର୍ଜନ ବା ମେଡିକାଲ ଅଧିକାରୀ ପଦବୀ ନିମନ୍ତେ ଓପିଏସ୍‌ସି ପକ୍ଷରୁ ଆବେଦନକାରୀଙ୍କ ସର୍ବାଧିକ ବୟସସୀମା ୩୨ବର୍ଷ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ଏହାକୁ ବିରୋଧ କରି ଦେବାଶିଷ ମହାପାତ୍ର ନାମକ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣିରେ ହାଇକୋର୍ଟ ରିପୋର୍ଟ ତଲବ କରିବା ସହିତ ମହାପାତ୍ରଙ୍କୁ ଡିସେମ୍ବର ୫ତାରିଖ ସୁଦ୍ଧା ଅନ୍‌ଲାଇନ ଯୋଗେ ଆବେଦନ କରିବାକୁ ଅନ୍ତରୀଣ ଆଦେଶ ଦେଇଛନ୍ତି। ଉକ୍ତ ପଦବୀ ନିମନ୍ତେ ଡିସେମ୍ବର ୫ତାରିଖ ଅନଲାଇନ ଆବେଦନର ଶେଷ ତାରିଖ ରହିଛି। ଆବେଦନକାରୀ ମହାପାତ୍ର ପିଟିଶନରେ ଦର୍ଶାଇଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତିରେ ସମଗ୍ର ରାଜ୍ୟରେ ମୋଟ ୩୨୬୮ଟି ସହକାରୀ ସର୍ଜନ ପଦବୀ ଖାଲି ପଡ଼ିଛି। ଏହି ପଦବୀ ପୂରଣ ନିମନ୍ତେ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ମାତ୍ର ଏହି ବିଜ୍ଞପ୍ତିରେ ଆବେଦନକାରୀଙ୍କ ସର୍ବୋଚ୍ଚ ବୟସ ସୀମା ୩୨ ଧାର୍ଯ୍ୟ କରାଯାଇଛି । ମାତ୍ର ଏହି ପଦବୀ ପାଇଁ ଅନ୍ୟ ରାଜ୍ୟରେ ବୟସ ସୀମାକୁ ୪୨ ରଖାଯାଇଛି। ସାଧାରଣତଃ ଜଣେ ଛାତ୍ର ଏମବିବିଏସ୍ ପାଠ୍ୟକ୍ରମ ଶେଷ କଲା ବେଳକୁ ତାଙ୍କ ବୟସ ୩୨ ହୋଇଥାଏ। ଏଭଳି କ୍ଷେତ୍ରରେ ଆବେଦନ ପାଇଁ ବୟସ ସୀମାକୁ ୩୨ ଧାର୍ଯ୍ୟ କରାଯିବା ଫଳରେ ଅନେକ ଆଶାୟୀ ଏହି ଆବେଦନରୁ ବଞ୍ଚିତ ହେବେ। ସେହିପରି ଜଣେ ମେଡିକାଲ ଛାତ୍ର ଏମ୍‌ବିବିଏସ୍ ପାସ୍ କରିବା ବେଳକୁ ପ୍ରାୟ ୩୨ ବର୍ଷ ହୋଇଯାଏ। ଜୁନିୟର ରେସିଡେଣ୍ଟ ଓ ସିନିୟର ରେସିଡେଣ୍ଟ ପଦବୀ ପାଇଁ ୪୨ ବର୍ଷ ପର୍ଯ୍ୟନ୍ତ ବୟସ ଧାର୍ଯ୍ୟ କରାଯାଇଛି। ୨୦୧୯ ଅକ୍ଟୋବର ୨୪ରେ ଉଚ୍ଚଶିକ୍ଷା ବିଭାଗରେ ସର୍ବୋଚ୍ଚ ବୟସ ୪୮ ବର୍ଷ ଧାର୍ଯ୍ୟ ହୋଇଥିବାବେଳେ ଏ କ୍ଷେତ୍ରରେ ବ୍ୟତିକ୍ରମ ଘଟିଛି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ରାଜଧାନୀ ଏକ୍ସପ୍ରେସରେ ପସନ୍ଦର ପାନୀୟ ବାଛିବେ ଯାତ୍ରୀ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ):** ଏଣିକି ରାଜଧାନୀ ଏକ୍ସପ୍ରେସରେ ଯାତ୍ରୀ ନିଜ ମନ ପସନ୍ଦର ଚା, କଫି ଓ ସୁପ୍ ପିଇପାରିବେ। ମଙ୍ଗଳବାର ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସର ପ୍ରଥମ ଶ୍ରେଣୀ ଏସି କୋଚ୍‌ରେ ଏହି ସେବା ଆରମ୍ଭ କରାଯାଇଛି। ଯାତ୍ରୀଙ୍କ ନିକଟକୁ କର୍ମଚାରୀମାନେ ବିଭିନ୍ନ ପ୍ରକାରର ଚା, କଫି ଓ ସୁପ୍ ପ୍ୟାକେଟ୍ ନେଇ ଯିବେ। ଯାତ୍ରୀ ବାଛିଥିବା ପାନୀୟଟି ପରଷାଯିବ। ଖୁବ୍‌ଶୀଘ୍ର ରାଜଧାନୀର ଅନ୍ୟ ରେକ୍‌ଗୁଡ଼ିକରେ ମଧ୍ୟ ଏହି ସେବା ଉପଲବ୍ଧ ହେବ। ଏହି ସେବାକୁ ଯାତ୍ରୀ ଖୁବ୍ ପସନ୍ଦ କରୁଥିବା ଆଇଆର୍‌ସିଟିସି ପକ୍ଷରୁ କୁହାଯାଇଛି।

### ପଶୁପତି ନାଥ ମନ୍ଦିରରେ ପୂଜା ପାଇବେ ଚତୁର୍ଦ୍ଧାବିଗ୍ରହ

# ପୁରୀରୁ ବାହାରିଲା ଉତ୍କଳ ନେପାଳ ମୈତ୍ରୀ ଯାତ୍ରା



**ପୁରୀ ଅଫିସ, ୪।୧୨:** ନେପାଳ କାଠମାଣ୍ଡୁସ୍ଥିତ ପଶୁପତି ନାଥ ମନ୍ଦିରରେ ପୂଜା ପାଇବେ ଚତୁର୍ଦ୍ଧାବିଗ୍ରହ। ସ୍ୱାମୀ ଦିବ୍ୟାନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ ଆସନ୍ତା ୭ ଓ ୮ ଦୁଇଦିନ ଧରି ପୁରୀର ବିଶିଷ୍ଟ ପଣ୍ଡିତମାନଙ୍କ ଦ୍ୱାରା ଚତୁର୍ଦ୍ଧାବିଗ୍ରହଙ୍କ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଉତ୍କଳ ନେପାଳ ମୈତ୍ରୀ ଯାତ୍ରା ବାହାରିଛି। ନେପାଳର ରାଜଗୁରୁ ସରୋଜ ବାସ୍ତୋଲା ଏହାକୁ ଉଦ୍‌ଘାଟନ କରିଛନ୍ତି। ୪୦ ଜଣ ବିଶିଷ୍ଟ ଭକ୍ତ ଏଥିରେ ସାମିଲ ହୋଇଛନ୍ତି। ବସ୍‌ରେ ଯାତ୍ରା କରୁଥିବା ସେବାୟତ, ସାଧୁସନ୍ଥ ଟାଟା ନଗର ପାଟଣା ଦେଇ ୬ ତାରିଖରେ କାଠମାଣ୍ଡୁରେ ପହଞ୍ଚିବେ। ସେଠାରେ ସବୁ କାର୍ଯ୍ୟ ସରିବା ପରେ ୧୧ ତାରିଖରେ ଫେରିବା କାର୍ଯ୍ୟକ୍ରମ ରହିଛି। ବାସ୍ତୋଲା କହିଥିଲେ, ପୁରୀ ଓ ନେପାଳର ସମ୍ପର୍କ ଅତି ଘନିଷ୍ଟ। ଗଜପତି ମହାରାଜାଙ୍କଠାରୁ ଅଧିକ ସୁବିଧା ନେପାଳ ରାଜାଙ୍କୁ ଶ୍ରୀମନ୍ଦିରରେ ପ୍ରଦାନ କରାଯାଇଛି, ଯାହା ନେପାଳବାସୀଙ୍କ ପାଇଁ ଗର୍ବର ବିଷୟ। ପଶୁପତି ନାଥ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପ୍ରତିଷ୍ଠା ନେପାଳ ଓ ଓଡ଼ିଶା ସମ୍ପର୍କକୁ ସୁଦୃଢ଼ କରିବ। ଏହି ଅବସରରେ ବିଭିନ୍ନ ମଠ ମହନ୍ତ, ସେବାୟତଙ୍କ ସମେତ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ସଭାପତି ପରେଶ ନାୟକ ଉପସ୍ଥିତ ଥିଲେ।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

